### ବଳାତ୍କାର ଉଦ୍ୟମ ଅଭିଯୋଗ

ବଇଣ୍ଡା,(ଡି.ଏନ.ଏ.): କିଶୋରନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିକାଶ ପାତ୍ର ନାମକ ଯୁବକ ବଳାତ୍କାର ଉଦ୍ୟମ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୧/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ନାବାଳିକା ଘରେ ଏକୁଟିଆ ଥିବାବେଳେ ବିକାଶ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ବିକାଶ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇପାରି ନାହିଁ।

## ସଂକ୍ଷେପରେ

### ୧୮ରେ ନାମ ପଞ୍ଜୀକରଣ

ଅନୁଗୋଳ ଅଫିସ, ୧୩।୨: ଆସନ୍ତା ମାର୍ଚ୍ଚ ମାସରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ (ଓସିଏ) ପକ୍ଷରୁ ଜୁନିୟର କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏଥିରେ ୧୪ ଓ ୧୬ ବର୍ଷରୁ କମ୍ ଖେଳାଳିଙ୍କୁ ନେଇ ମ୍ୟାଚ ଆୟୋଜନ କରାଯିବ। ପ୍ରତିଦଳରେ ୧୦ ଜଣ ୧୬ ବର୍ଷରୁ କମ୍ ଖେଳାଳିଙ୍କ ସହ ୫ ଜଣ ୧୪ ବର୍ଷରୁ କମ୍ ଖେଳାଳି ରହିବେ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ତେଣୁ ପ୍ରଥମ ଥର ପାଇଁ ଏଭଳି ଜୁନିୟର ଟିମ୍ ଗଢ଼ାହୋଇଛି। ପୂର୍ବରୁ ଏହି ଦୁଇଟି ଫର୍ମାଟ ପାଇଁ ଅଲଗା ଅଲଗା ଖେଳାଳି ଚୟନ କରାଯାଉଥିଲା। ଜିଲାର ଇଚ୍ଛୁକ ଖେଳାଳିମାନେ ଆସନ୍ତା ୧୮ ତାରିଖରେ ନାମ ପଞ୍ଜୀକରଣ କରିବାକୁ ଜିଲା କ୍ରିକେଟ୍ ଆସୋସିଏଶନ୍ ସମ୍ପାଦକ ସାଗର ମିଶ୍ର ସୂଚନା ଦେଇଛନ୍ତି। ଆସନ୍ତା ୧୮ ତାରିଖରେ ସ୍ଥାନୀୟ କଦମ ପଡ଼ିଆଠାରେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ନାମ ପଞ୍ଜୀକରଣ କରାଯିବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

### ଡାକ୍ତରଖାନା ପରିଦର୍ଶନ କଲେ ସିଡିଏମ୍ଓ

ଛେଣ୍ଡିପଦା,୧୩।୨(ସ୍ୱ.ପ୍ର.): ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ଅଭୟ କୁମାର ଦାସ ଶନିବାର ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିଲେ। ଡାକ୍ତରଖାନାର ସମସ୍ୟା ସମ୍ପର୍କରେ ସେ ପଚାରି ବୁଝିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲା ପରିଷଦର ପୂର୍ବତନ ସଭ୍ୟ ଦିଲୀପ କୁମାର ବେହେରା, ସାମାଜିକ କର୍ମୀ ସୁଦୀପ୍ତ ପ୍ରଧାନ ଅସ୍ତ୍ରୋପଚାରଗାର ନିମନ୍ତେ ଅବଶ୍ୟକ ଉପକରଣ, ଡାକ୍ତର ସମସ୍ୟାର ସମାଧାନ, ରକ୍ତଭଣ୍ଡାର ନିର୍ମାଣ, ଦନ୍ତ ବିଭାଗ ପାଇଁ ଆବଶ୍ୟକ ଉପକରଣ ଯୋଗାଇ ଦେବାକୁ ସିଡିଏମ୍ଓଙ୍କ ନିକଟରେ ଦାବି ରଖିଥିଲେ। ସିଡିଏମ୍ଓଙ୍କ ସହିତ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଧୀରେନ ପ୍ରଧାନ, ଡାକ୍ତର ମୋନାଲିସା ଗଡନାୟକ, ଡାକ୍ତର ଅଭୟ କୁମାର ପାଲଙ୍କ ସମେତ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୧୩।୨(ଡି.ଏନ.ଏ.): କିଶୋରନଗର ଥାନା ଘୋଷାର ଗ୍ରାମର ବାସନ୍ତୀ ବେହେରାଙ୍କୁ ତାଙ୍କ ସ୍ୱାମୀ ସୁନୀଲ ବେହେରା ନିର୍ଯାତନା ଦେଉଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନମ୍ବର ୨୨/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁନୀଲ ବାସନ୍ତୀଙ୍କୁ ୧୭ ବର୍ଷ ପୂର୍ବରୁ ବିବାହ କରିଥିଲେ। ହେଲେ କିଛି ମାସ ହେବ ସେ ବାସନ୍ତୀଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ। ଅସହ୍ୟ ହେବାରୁ ବାସନ୍ତୀ ଥାନାରେ ଅଭିଯୋଗ କରିଛନ୍ତି।

### ଜିନେସଙ୍କୁ ଦେବଗଡ଼ ଦାୟିତ୍ୱ

ତାଳଚେର,୧୩।୨(ନି.ପ୍ର.): ଯୁବ ସଂଗଠନକୁ ମଜଭୁତ୍ କରିବା ପାଇଁ ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା ବିଭିନ୍ନ ଜିଲାରେ ସଙ୍ଗଠନ ଦାୟିତ୍ୱ ନିର୍ବାହ ପାଇଁ ନେତାଙ୍କ ନାମ ଘୋଷଣା କରିଛନ୍ତି। ଏହି ଅବସରରେ ଦଳର ରାଜ୍ୟ ସମ୍ପାଦକ ତଥା ତାଳଚେରର ଯୁବ ନେତା ଜିନେସ ସାହୁଙ୍କୁ ଦେବଗଡ ଜିଲାର ଦାୟିତ୍ୱ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ସାହୁ ଦେବଗଡ ଜିଲାକୁ ଯାଇ ତୃଣମୂଳସ୍ତରରୁ କଂଗ୍ରେସ ଦଳକୁ ମଜଭୁତ୍ କରିବା ଏବଂ ଯୁବକମାନେ କିଭଳି କଂଗ୍ରେସ ମୁହାଁ ହେବେ ସେ ଦିଗରେ କାର୍ଯ୍ୟ କରିବେ। ରାଜ୍ୟ ଏବଂ ଜିଲାର ବରିଷ୍ଠ ଏବଂ ଯୁବ ନେତାମାନେ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



### ୯ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୩।୨: ଅନୁଗୋଳ ଜିଲାରୁ ଶନିବାର ୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୩୨୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୪ ଜଣ ଥିବାବେଳେ ବଅଁରପାଳ ବ୍ଲକରୁ ଜଣେ, ଅନୁଗୋଳ ବ୍ଲକରୁ ଜଣେ, ତାଳଚେର ପୌରାଞ୍ଚଳରୁ ଜଣେ ଓ ପାଲଲହଡ଼ା ବ୍ଲକରୁ ଜଣେ ରହିଛନ୍ତି। ତେବେ ଶନିବାର ଜିଲାରୁ କେହି କରୋନାରୁ ସୁସ୍ଥ ହୋଇନାହାନ୍ତି।

## କାର୍ଯ୍ୟକ୍ଷମ ହେଉନି ବାଣିଜ୍ୟକର କାର୍ଯ୍ୟାଳୟ



ବାଣିଜ୍ୟକର କାର୍ଯ୍ୟାଳୟ ନିମନ୍ତେ ଏମ୍ସିଏଲ୍ ପକ୍ଷରୁ ଦିଆଯାଇଥିବା ଦେଉଳବେଡା କଲୋନୀ କ୍ୱାର୍ଟର୍ସ।

**ତାଳଚେର, ୧୩।୨ (ନି.ପ୍ର.)**

ତାଳଚେରଠାରେ ରାଜ୍ୟ ସରକାରଙ୍କ ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟ ଅଛି। କର୍ମଚାରୀ ମଧ୍ୟ ଅଛନ୍ତି। କିନ୍ତୁ ଏହାକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଗତ ଅଢ଼େଇ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏହି କାର୍ଯ୍ୟାଳୟର କାଗଜପତ୍ର ଓ ଆସବାବପତ୍ର ଉପଜିଲାପାଳଙ୍କ ଅଫିସ ପରିସରରେ ଥିବା ଥଇଥାନ ଅଧିକାରୀଙ୍କ ଅଫିସରେ ତାଲାପଡି ରହିଛି। ବାରମ୍ବାର ଅଭିଯୋଗ, ଦାବି ପରେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ତାଳଚେରରୁ ସର୍ବାଧିକ ରାଜସ୍ୱ ପାଉଥିଲେ ହେଁ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବହୁ ଦାବି, ଆନ୍ଦୋଳନ ପରେ ୨୦୦୮ରେ ତାଳଚେର ବାଇପାସ୍ଠାରେ ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟ ଏକ ଭଡା ଘରେ ଖୋଲାଯାଇଥିଲା। ଫଳରେ ଏଠାକାର ବ୍ୟବସାୟୀମାନଙ୍କୁ ଆଉ ଟ୍ୟାକ୍ସ ପ୍ରଦାନ ନିମନ୍ତେ ଅନୁଗୋଳ ଯିବାକୁ ପଡୁ ନ ଥିଲା। ତେବେ ୧୦ ବର୍ଷ ପରେ ଉକ୍ତ ଭଡ଼ା ଘରର ମରାମତି ନିମନ୍ତେ ମାଲିକ ଘର ଛାଡିବାକୁ ୩ ମାସିଆ ନୋଟିସ ଦେଇଥିଲେ। ୨୦୧୮ ଜୁଲାଇ ୫ ମଧ୍ୟରେ ଘର ଖାଲି କରିବାକୁ ନୋଟିସରେ ଉଲ୍ଲେଖ କରିଥିଲେ। ଏହା ପୂର୍ବରୁ ୨୦୧୮ ମେ' ୧୨ରେ ଅନୁଗୋଳର ଜଏଣ୍ଟ କମିଶନର ତାଳଚେର ଅଫିସକୁ ଅନୁଗୋଳ ସ୍ଥାନାନ୍ତର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ହେଲେ ତାଳଚେର ବିଧାୟକଙ୍କ ଆପତ୍ତି ପରେ ଅଫିସ ସ୍ଥାନାନ୍ତର ବନ୍ଦ ରହିଲା। ହଠାତ୍ ଜୁନ ୨୨ରେ ଅଫିସ ଅନୁଗୋଳ ଉଠାଇ ନେବାକୁ କମିଶନର ନିର୍ଦ୍ଦେଶ ଦେବାରୁ ଜୁନ ୨୪ରେ କମର୍ସିଆଲ ଟ୍ୟାକ୍ସ ଅଫିସର କାଗଜପତ୍ର ଓ ଅନ୍ୟାନ୍ୟ ଆସବାବପତ୍ର ଅନୁଗୋଳ ନେବା ପାଇଁ ଉଦ୍ୟମ କରିଥିଲେ। ଏହାକୁ ପୂର୍ବତନ ନଗରପାଳ, ଭାଜପା କର୍ମୀ, ବ୍ୟବସାୟୀମାନେ ବିରୋଧ କରିବାରୁ ଉକ୍ତ କାଗଜପତ୍ର ଓ ଆସବାବପତ୍ର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଥଇଥାନ ଅଧିକାରୀଙ୍କ ଅଫିସରେ ରଖାଯାଇଥିଲା। ସେବେଠାରୁ ସେସବୁ ତାଲା ପଡି ରହିଛି। ଉକ୍ତ କାର୍ଯ୍ୟାଳୟ ପାଇଁ କମିଶନରଙ୍କ ଅନୁରୋଧ କ୍ରମେ ଏମ୍ସିଏଲ୍ର ଲିଙ୍ଗରାଜ ଖଣି କର୍ତ୍ତୃପକ୍ଷ ଦେଉଳବେଡା କଲୋନୀରେ ଏକ କ୍ୱାର୍ଟର୍ସ ଯୋଗାଇ ଦେଇଥିଲେ। ସେଠାରେ ଜଣେ ପିଅନ, ଚପରାସୀ ଅଛନ୍ତି। କିନ୍ତୁ କାର୍ଯ୍ୟାଳୟ ଖୋଲାଯିବା ପରିବର୍ତ୍ତେ ବିଭାଗୀୟ ଅଧିକାରୀମାନେ ଅନୁଗୋଳରେ ରହି ଅଫିସ ଚଳାଉଛନ୍ତି।

- ଅଢ଼େଇ ବର୍ଷ ହେଲା ଫାଇଲ ଜଗିଛନ୍ତି ପିଅନ
- ତାଳଚେର ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ
- ସର୍ବାଧିକ ରାଜସ୍ୱ ସତ୍ତ୍ୱେ ଅଣଦେଖାକୁ ନେଇ ପ୍ରଶ୍ନବାଚୀ

### କିଛି ରହସ୍ୟ ରହିଛି

"ତାଳଚେରରୁ ସରକାର ସର୍ବାଧିକ ରାଜସ୍ୱ ନେଉଛନ୍ତି। କିନ୍ତୁ ଏହି ଅଞ୍ଚଳର ବିକାଶ ଦିଗରେ ଦୃଷ୍ଟି ଦିଆଯାଉ ନାହିଁ। ଅଢ଼େଇ ବର୍ଷ ହେବ ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ଝୁଲାଯିବା ତାହାର ଏକ ଉଦାହରଣ। ଅଫିସ ଚାବି ନେଇ କମିଶନରଙ୍କୁ ଦେବାପରେ ମଧ୍ୟ ଖୋଲିବୁ ଖୋଲିବୁ କହି ଖୋଲୁନାହାନ୍ତି। ଏହା ପଛରେ କିଛି ରହସ୍ୟ ରହିଛି।

-ସୁବାସ ଚନ୍ଦ୍ର ପ୍ରଧାନ, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାପତି, ତାଳଚେର

### ଅନୁଗୋଳ ଧାଇଁବାକୁ ପଡୁଛି

"ଅଫିସ କାଗଜପତ୍ର ତାଳଚେରରେ ଅଟକାଇ ରଖାଯାଇଛି। କିନ୍ତୁ କର୍ମଚାରୀମାନେ ଅନୁଗୋଳରେ ରହି କାମ କରୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଏଯାଏ ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଗଲା ନାହିଁ। ତେଣୁ ଦୀର୍ଘଦିନ ହେଲା ତାଳଚେରର ବ୍ୟବସାୟୀମାନେ ବିଭିନ୍ନ କାର୍ଯ୍ୟରେ ଅନୁଗୋଳ ଧାଉଁଛନ୍ତି।

-ମନୋଜ ସାହୁ, ଏଡିସିସିଆଇ ଉପସଭାପତି, ତାଳଚେର

### କାରଣ ବୁଝାପଡୁନି

"ତାଳଚେରରେ ଥିବା ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟକୁ କେଉଁ କାରଣରୁ ଅନୁଗୋଳ ସ୍ଥାନାନ୍ତର କରାଗଲା, ଏହା ପଛରେ କିଏ ରହିଛନ୍ତି ଓ କାହିଁକି ଏପରି କାର୍ଯ୍ୟ କରାଯାଇଛି ତାହା ବୁଝାପଡୁନି। ଏହାଦ୍ୱାରା ତାଳଚେରର ବ୍ୟବସାୟୀମାନେ ହଇରାଣ ହେଉଛନ୍ତି। ଟିକସ ପ୍ରଦାନରେ ଆଗୁଆ ତାଳଚେରକୁ ଅଣଦେଖା କରାଯିବା କେତେଦୂର ଯଥାର୍ଥ।

- ଶ୍ୟାମସୁନ୍ଦର ଲାଖୋଟିଆ, ତାଳଚେର

### ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ

"ତାଳଚେରରେ ୧୦ ବର୍ଷ ଅଫିସ ରହିଲା। କିନ୍ତୁ ହଠାତ୍ ଏହାକୁ ଅନୁଗୋଳ ସ୍ଥାନାନ୍ତର କରାଗଲା। ତାଳଚେରବାସୀଙ୍କ ପ୍ରତି ଏପରି ଅବିଚାର କାହିଁକି କରାଗଲା। ରାଜ୍ୟ ସରକାର ଓ ବାଣିଜ୍ୟକର ବିଭାଗ ଅଧିକାରୀ, ତାଳଚେର ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ଜରୁରୀ।

- ବୀରବର ସାହୁ, ବ୍ୟବସାୟୀ, ତାଳଚେର

### ଜିଏସ୍ଟି ଯୋଗୁ ସ୍ଥାନାନ୍ତର

"ଜିଏସ୍ଟି ଲାଗୁ ହେବା ପରେ ତାଳଚେର ଅଫିସର କିଛି ସ୍ଥିତି ନାହିଁ। ଭାଟ୍ ଆଦାୟ ବେଳେ ଯେହେତୁ ପୁରୁଣା ଅଫିସ ଥିଲା ତାହାର କାଗଜପତ୍ର ସେଠାରେ ରହିଛି। ଜଗାରଖା ପାଇଁ କର୍ମଚାରୀ ଅଛନ୍ତି। ସେଠିକାର ଅଧିକାରୀ ଓ କର୍ମଚାରୀମାନେ ଅନୁଗୋଳରେ କାମ କରୁଛନ୍ତି।

-ରାଜେଶ୍ୱର ନାୟକ, ବିଭାଗୀୟ ଅଧିକାରୀ

## ଓଡ଼ିଶା ବନ୍ଦ ପାଇଁ ସହଯୋଗ ଲୋଡ଼ିଲା ଅନୁଗୋଳ କଂଗ୍ରେସ



ଜିଲା କଂଗ୍ରେସ ଭବନରେ ପ୍ରସ୍ତୁତି ବୈଠକ।

**ଅନୁଗୋଳ ଅଫିସ/ ତାଳଚେର, ୧୩।୨**

ତୈଳଦର ବୃଦ୍ଧି ବିରୋଧରେ ଆସନ୍ତା ୧୫ ତାରିଖରେ ଓଡ଼ିଶା ବନ୍ଦ ପାଇଁ କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଛି। ଅନୁଗୋଳ ଜିଲାରେ ଏହାକୁ ସଫଳ କରିବାକୁ ଶନିବାର ଜିଲା କଂଗ୍ରେସ ଭବନରେ ସଭାପତି ବିପ୍ଳବ ଜେନାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ୧୫ ତାରିଖ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜିଲାରେ ଚକ ଅଖ ବନ୍ଦ ରହିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ସମୟରେ ଅତି ଜରୁରୀ ସେବା ଜାରି ରହିବ। ଏଥିସହ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, କାରଖାନା, ପରିବହନ, ଶିକ୍ଷାନୁଷ୍ଠାନ ଆଦି ବନ୍ଦ ରଖିବାକୁ ଜିଲା କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଛି। ଅନୁଗୋଳ ଜିଲାର ସମସ୍ତ ଜନସାଧାରଣ ସହଯୋଗ କରିବା ପାଇଁ ସଭାପତି ଜେନା ନିବେଦନ କରିଛନ୍ତି। ଏହି ବୈଠକରେ ସମସ୍ତ ବ୍ଲକ ସଭାପତି, ମହିଳା, ଯୁବ ଓ ଛାତ୍ର କଂଗ୍ରେସ ସହିତ ଜିଲାର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ସେହିପରି ତାଳଚେର କଂଗ୍ରେସ ତରଫରୁ ମଧ୍ୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ସୁରେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ତାଳଚେର ଉପଖଣ୍ଡର ଶିଳ୍ପାନୁଷ୍ଠାନ, ଖଣି ଖଦାନ ଆଦିକୁ ବନ୍ଦ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ବରିଷ୍ଠ ନେତା ଶରତ ଚନ୍ଦ୍ର ପ୍ରଧାନ, ଦିଗାମ୍ବର ଗଡନାୟକ, ହାଡିବନ୍ଧୁ ବିଶ୍ୱାଳ, ଜ୍ଞାନରଞ୍ଜନ ପାଣି, ପ୍ରଫୁଲ୍ଲ ଦାସ, ଦାଶରଥୀ ସାହୁ, ହେମନ୍ତ ପ୍ରଧାନ, ଧୀରେନ ପ୍ରଧାନ, ହରିହର ସାହୁ, ବଜରଙ୍ଗ ଅଗ୍ରୱାଲା, ପୁଷ୍ପକ ସ୍ୱାଇଁ, ପ୍ରବୀଣ କୁମାର ଦାସ, ନିରୋଦ ପ୍ରଧାନ, ଧବଳେଶ୍ୱର ପ୍ରଧାନ, ଡାକ୍ତର ମହାନ୍ତି, ସୁଧୀର ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## 'ଉଚିତ ଶିକ୍ଷା ଭଲ ମଣିଷ କରିବ'

**ବଇଣ୍ଡା,୧୩।୨(ଡି.ଏନ.ଏ.)**

ପ୍ରାଥମିକସ୍ତରରୁ ପିଲାଙ୍କ ଉଚିତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଗଲେ ଭବିଷ୍ୟତରେ ସେମାନେ ଭଲ ମଣିଷ ହୋଇପରିବେ। ଏ ଦିଗରେ ଶିକ୍ଷକ ସମାଜର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଶନିବାର ଆଠମଲିକ ବ୍ଲକ କୃତ୍ତିବାସପୁର ପଞ୍ଚାୟତ ଖଡକବାହଲ ତେନ୍ତୁଳିପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଆଠମଲ୍ଲିକ ବିଇଓ ଦାଶରଥୀ ଶୁଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏବିଇଓ ପ୍ରିୟମ୍ବଦା ସାହୁ, ଉଦ୍ଧବ ପ୍ରଧାନ, ବିଆରସିସି ଛବିନାରାୟଣ ସିଂ, ସିଆର୍ସିସି ମାନସ ରଞ୍ଜନ ପ୍ରଧାନ, ବନମାଳୀ ମାଝି ଯୋଗଦେଇଥିଲେ। ଆଗାମୀ ଦିନରେ ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ ସରକାର ବ୍ୟବସ୍ଥା କରୁଥିବା ବେଳେ କିଭଳି ପିଲାମାନଙ୍କୁ ପାଠ ପଢ଼ାଯିବ ସେ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଘୋଡାବାନ୍ଧୁଣି, ପେଡିପଥର, କୃତ୍ତିବାସପୁର କ୍ଲଷ୍ଟରର ୩୫ ଜଣ ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ରଜତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଉତ୍ତମ ସମନ୍ୱୟ ଶୃଙ୍ଖଳା ବଜାୟ ରଖିବ

**ଅନୁଗୋଳ ଅଫିସ, ୧୩।୨**



ବୈଠକରେ ଉପସ୍ଥିତ ଅଧିକାରୀମାନେ।

### ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଓ କର୍ମଶାଳା

ଅନୁଗୋଳ ଜିଲାରେ ଶାନ୍ତି ଶୃଙ୍ଖଳା ରକ୍ଷା ସହ ବିଭିନ୍ନ ଆଇନର ଠିକ୍ ପ୍ରୟୋଗକୁ ନେଇ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଓ କର୍ମଶାଳା ନାଲ୍କୋ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରି ଅନ୍ତଃବିଭାଗ ସମନ୍ୱୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୋଲିସ ଓ ମାଜିଷ୍ଟ୍ରେଟଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ଜିଲାରେ ଶାନ୍ତି ଶୃଙ୍ଖଳା ବଜାୟ ରହିବା ସହ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଗୁରୁତ୍ୱପୂର୍ଣ୍ଣ ତଦନ୍ତ, ନୃସଶଂତା ଆଇନର ଯୁଗ୍ମ ତଦନ୍ତ ଓ ସାମ୍ପ୍ରଦାୟିକ ସଦ୍ଭାବନା ପ୍ରତିଷ୍ଠା ପାଇଁ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବା ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଏସ୍ପି ଜଗମୋହନ ମୀନା ଯୋଗଦେଇ ଆଇନଗତ କାର୍ଯ୍ୟାନୁଷ୍ଠାନ, ମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ଓ ସିଆରପିସିର ପ୍ରିଭେଣ୍ଟିଭ ସେକ୍ସନ ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅନୁଗୋଳ ବନଖଣ୍ଡ ଅଧିକାରୀ ପ୍ରସନ୍ନ କୁମାର ବେହେରା, ସାଧନ କର୍ମୀ ଭାବେ ଡ. ପ୍ରସନ୍ନ କୁମାର ବରାଳ ଯୋଗଦେଇ ସୂଚନା ଅଧିକାର ଆଇନର ପୃଷ୍ଠଭୂମି, ଉପଯୋଗିତା ଓ ଏହାର ପ୍ରୟୋଗାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ସରକାରୀ ଓକିଲ ପରମାନନ୍ଦ ମିଶ୍ର ଓ ପ୍ରଦୀପ୍ତ କୁମାର ଦାସ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ ଓ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅସୁରକ୍ଷିତ ବନ୍ୟପ୍ରାଣୀ, ଅସହାୟ ବନ ବିଭାଗ

**ଢେଙ୍କାନାଳ ଅଫିସ, ୧୩।୨**





ବାଘଛାଲ ଓ ହାତୀପଲ।

ଢେଙ୍କାନାଳ ଜିଲାର ସଂରକ୍ଷିତ ଜଙ୍ଗଲ, ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଐତିହ୍ୟ ପ୍ରାଣୀ ହାତୀ ସମେତ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। କନ୍ଦରା ଜଙ୍ଗଲରେ ବନ କର୍ମଚାରୀଙ୍କ ଉପରେ ଶିକାରୀଙ୍କ ଗୁଳିମାଡ଼ ଘଟଣାରୁ ବନ ବିଭାଗର ଅସହାୟତା ପଦାରେ ପଡ଼ିଛି। ଫଳରେ ଦୋଷ ଦୁର୍ବଳତା ସୁଧାରିବାକୁ ବିଳମ୍ବରେ ଉଦ୍ୟମ ଆରମ୍ଭ କରିଛି ବନ ବିଭାଗ। କଟକ-ଢେଙ୍କାନାଳ ସୀମାନ୍ତରେ ପରିବ୍ୟାପ୍ତ କନ୍ଦରା ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କୁ ଦମନ କରିବା ଲାଗି ପ୍ରଶିକ୍ଷିତ ବନ୍ଧୁକଧାରୀ ବନ କର୍ମଚାରୀ ମୁତୟନ ହେବେ। ସେଠାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ ବାରାକ୍ ପ୍ରତିଷ୍ଠା କରାଯିବ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି।

ଜିଲାରେ ୨୦୧୫-୧୬ ବର୍ଷରୁ ୨୦୨୦-୨୧ ଜାନୁୟାରୀ ମଧ୍ୟରେ ବିଭିନ୍ନ କାରଣରୁ ୭୮ ହାତୀଙ୍କ ଜୀବନ ଯାଇଛି। ତନ୍ମଧ୍ୟରେ ସଦର ରେଞ୍ଜରେ ସର୍ବାଧିକ ୨୨, ହିନ୍ଦୋଳ ରେଞ୍ଜରେ ୨୧ ମାମଲା ରହିଛି। ଗତବର୍ଷ ଅକ୍ଟୋବରରେ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର କଙ୍କଡ଼ାହାଡ଼ ଥାନା ଏକୁଲ ସେକୁଲ ଗ୍ରାମ ନିକଟ ଜଙ୍ଗଲରେ ୨ କଲରାପତରିଆ ବାଘକୁ ଗୁଳିକରି ଶିକାର କରାଯାଇଥିଲା। ବାହାର ରାଜ୍ୟକୁ ଛାଲ ଚାଲାଣ ବେଳେ ଗଁଦିଆ ଥାନା ସୋରିଷିଆପଦା ଅଞ୍ଚଳର ଜଣେ ଶିକ୍ଷକ ନଭେମ୍ବର ୮ରେ ବନ କର୍ମଚାରୀଙ୍କ ଦ୍ୱାରା ଧରାପଡ଼ିଥିଲେ। ତାଙ୍କ ନିକଟରୁ ୨ ହରିଣ ଛାଲ, ଶମ୍ବର ଛାଲ ମଧ୍ୟ ଜବତ ହୋଇଥିଲା। ୨୦୨୦ ଡିସେମ୍ବର ୧ରେ କପିଳାସ ଅଭୟାରଣ୍ୟରୁ ଏକ ବଜ୍ରକାପ୍ତା ଚାଲାଣ ର୍ୟାକେଟ ଧରାପଡ଼ିଥିଲା। ସେହିମାସ ୭ ତାରିଖରେ ୨ ହରିଣ ଛାଲ ଜବତ ହୋଇଥିଲା। ଗତ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ କପିଳାସ ଅଭୟାରଣ୍ୟରୁ ୩୫ରୁ ଊର୍ଦ୍ଧ୍ୱ ଶିକାରୀ ବନ୍ଧୁକ ସହ ଧରାପଡ଼ିଛନ୍ତି। ଏଥିରୁ ବନ୍ୟପ୍ରାଣୀଙ୍କ ସୁରକ୍ଷା କେତେ ବିପନ୍ନ ତାହା ସ୍ପଷ୍ଟ ହୋଇଛି।

- ଅଭୟାରଣ୍ୟରେ ମାତିଲେଣି ଶିକାରୀ
- ଘାରିଲା ହାତୀ, ବନ୍ୟଜନ୍ତୁଙ୍କ ସୁରକ୍ଷା ଚିନ୍ତା
- କନ୍ଦରା ଜଙ୍ଗଲରେ ପ୍ରତିଷ୍ଠା ହେବ ବାରାକ୍

### କର୍ମଚାରୀ ଅଭାବ ପ୍ରମୁଖ ସମସ୍ୟା

ଢେଙ୍କାନାଳର ବିସ୍ତୀର୍ଣ୍ଣ ଭୂଭାଗ ଜଙ୍ଗଲ ଆଚ୍ଛାଦିତ ହୋଇ ରହିଥିବାବେଳେ ଏହାକୁ ଜଗିବା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ। ଦକ୍ଷ ଏବଂ ପ୍ରଶିକ୍ଷିତ କର୍ମଚାରୀ ଅଭାବ ବିଭାଗ ପାଇଁ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ନିକଟରେ କପିଳାସ ସମେତ ଅନ୍ୟ ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ଉପଦ୍ରବ ରୋକିବାକୁ ବନ ବିଭାଗ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ଏଥିରେ କେତେକାଂଶରେ ସଫଳତା ମଧ୍ୟ ମିଳିଛି। ଏଥିଯୋଗୁ ରକ୍ତମୁଖା ହୋଇଉଠିଛନ୍ତି ଶିକାରୀ। କନ୍ଦରା ଜଙ୍ଗଲରେ ଗତ ୯ ତାରିଖରେ ପାଟ୍ରୋଲିଂରେ ନିୟୋଜିତ ୧୦ ବନ କର୍ମଚାରୀଙ୍କ ଉପରକୁ ଆଖିବୁଜା ୧୭ ରାଉଣ୍ଡ ଗୁଳି ଚଳାଇବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। କେବଳ ଠେଙ୍ଗା ଧରିଥିବା ସମ୍ପୃକ୍ତ କର୍ମଚାରୀ ଜୀବନ ବଞ୍ଚାଇବାକୁ ଯାଇ ଛତ୍ରଭଙ୍ଗ ଦେଇଥିଲେ। ଏହାର ସୁଯୋଗରେ ଶିକାର କରିଥିବା ହାତୀର ଦୁଇଟି ଦାନ୍ତ କାଟି ନେଇଥିଲେ ଅଭିଯୁକ୍ତ। ଜିଲାର ସଂରକ୍ଷିତ ଜଙ୍ଗଲକୁ ଶିକାରୀମୁକ୍ତ କରିବାକୁ ହେଲେ ଅଧିକ କର୍ମଚାରୀ ନିଯୁକ୍ତି, ସେମାନଙ୍କୁ ବନ୍ଧୁକ ଚାଳନା ତାଲିମ ପ୍ରଦାନ ସହ ପୋଲିସ ବିଭାଗ ସହିତ ସମନ୍ୱୟ ରକ୍ଷା କରିବା ଆବଶ୍ୟକ ବୋଲି ପରିବେଶବିତ୍ମାନେ ମତ ଦେଇଛନ୍ତି।

### ଆନ୍ତଃରାଜ୍ୟ ର୍ୟାକେଟ ସକ୍ରିୟ

ଢେଙ୍କାନାଳ ଜିଲାରେ ବନ୍ୟପ୍ରାଣୀ ଚାଲାଣରେ ବିଧିବଦ୍ଧ ଭାବେ ଏକ ଆନ୍ତଃରାଜ୍ୟ ର୍ୟାକେଟ କାମ କରୁଛି। ସଂରକ୍ଷିତ ଜଙ୍ଗଲରେ ହାତୀ, ବାର୍ହା, ବଜ୍ରକାପ୍ତା, ହରିଣ, ଶମ୍ବର ଶିକାର ପରେ ସୁଚିନ୍ତିତ ଯୋଜନା ଅନୁଯାୟୀ ବାହାର ରାଜ୍ୟକୁ ଦାନ୍ତ, ଛାଲ ଚାଲାଣ ହେଉଛି। ସୀମାନ୍ତରେ କଟକ, ଅନୁଗୋଳ, ଯାଜପୁର, କେନ୍ଦୁଝର ଲାଗି ରହିଥିବାରୁ ଏଭଳି ବେଆଇନ କାର୍ଯ୍ୟ ସହଜ ହୋଇଯାଉଛି। ଏହାକୁ ରୋକିବାକୁ ଗୋଇନ୍ଦା ବିଭାଗକୁ ସକ୍ରିୟ କରିବା ସହିତ ଘନ ଘନ ଚଢ଼ାଉର ଆବଶ୍ୟକତା ରହିଥିବା ପରିବେଶବିତ୍ମାନେ ମତ ଦେଇଛନ୍ତି।

### ମାନସିକତା ବଦଳିବା ଜରୁରୀ



"ମଣିଷ ଭଳି ବନ୍ୟପ୍ରାଣୀ ମଧ୍ୟ ପ୍ରକୃତିର ଅଂଶ। ପରିବେଶ ସନ୍ତୁଳନ ରକ୍ଷାରେ ଏକ ଚଢ଼େଇର ମଧ୍ୟ ଭୂମିକା ରହିଛି। ବନ୍ୟପ୍ରାଣୀଙ୍କୁ ସୁରକ୍ଷିତ ରଖିବାକୁ ହେଲେ ଜନସଚେତନତା ସହ ମାନସିକତା ବଦଳିବା ମଧ୍ୟ ଆବଶ୍ୟକ।

-ଦୀପ୍ତିମୟୀ ଲେଙ୍କା, ବନ୍ୟପ୍ରାଣୀ ବିଶେଷଜ୍ଞ

### ସୁରକ୍ଷାରେ ସାମିଲ ହୁଅନ୍ତୁ ସ୍ୱେଚ୍ଛାସେବୀ



"ବନ୍ୟପ୍ରାଣୀ ସୁରକ୍ଷାରେ ସ୍ୱେଚ୍ଛାସେବୀ ସାମିଲ ହେବା ଉଚିତ। ସମ୍ବେଦନଶୀଳ ଅଞ୍ଚଳର ଲୋକେ ଅଧିକ ସଚେତନ ହେବା ନିହାତି ଜରୁରୀ। ବନ ବିଭାଗ ଗୋଇନ୍ଦା ୱିଙ୍ଗ୍କୁ ସୁଦୃଢ଼ କରିବା ସହିତ କର୍ମଚାରୀଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦେବା ଆବଶ୍ୟକ।

-ରାଜେନ୍ଦ୍ର ପାଣିଗ୍ରାହୀ, ବନ୍ୟପ୍ରାଣୀ ବିଶେଷଜ୍ଞ

### ହାତୀଙ୍କ ସୁରକ୍ଷା ପ୍ରମୁଖ ପ୍ରସଙ୍ଗ



"ଜୈବ ବିବିଧତାରେ ପରିପୂର୍ଣ୍ଣ ଢେଙ୍କାନାଳ ଜିଲାରେ ହାତୀ ସମେତ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଜରୁରୀ ହୋଇପଡ଼ିଛି। ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବା ଆବଶ୍ୟକ।

-ପ୍ରଦ୍ୟୁମ୍ନ ପଣ୍ଡା, ସାମାଜିକ କର୍ମୀ

### ଉଦ୍ୟମ ଜାରିରହିଛି



"ବନ୍ୟପ୍ରାଣୀଙ୍କ ସୁରକ୍ଷା ଲାଗି ବିଭାଗର ଉଦ୍ୟମ ଜାରି ରହିଛି। କପିଳାସ ଅଭୟାରଣ୍ୟରେ ଶିକାରୀଙ୍କ ଉପଦ୍ରବ ରୋକିବାରେ ସଫଳତା ମିଳିଛି। ରେଞ୍ଜରଙ୍କୁ ପୋଲିସ ଭଳି କେତେକ କ୍ଷମତା ଦିଆଯାଉଛି। ଏହାକୁ ସେମାନେ ନିଷ୍ଠାର ସହ ଉପଯୋଗ କରିବା ଉଚିତ। କନ୍ଦରା ଜଙ୍ଗଲରେ ଶିକାରୀଙ୍କ ଗୁଳିମାଡ଼ ଘଟଣା ପରେ ସେଠାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ତାଲିମପ୍ରାପ୍ତ ବନ କର୍ମଚାରୀଙ୍କୁ ନେଇ ବାରାକ୍ ପ୍ରତିଷ୍ଠା କରାଯିବ।

-ଡା. ପ୍ରକାଶଚାନ୍ଦ ଗୋଗିନେନି, ଡିଏଫ୍ଓ

